# ଦ୍ୱନ୍ଦ୍ୱ ସମାସ

ଏକାଧିକ ସୁବନ୍ତପଦ ପରସ୍ପର ମିଳିତ ହେଲେ ଦ୍ୱନ୍ଦ୍ୱସମାସ ହୁଏ। ଏହି ସମାସରେ ଦୁଇରୁ ଅଧିକ ପଦ ମଧ୍ୟ ମିଳିତ ହୋଇଥାନ୍ତି ଓ ବ୍ୟାସବାକ୍ୟରେ ପ୍ରତ୍ୟେକପଦ ପରେ 'ଚ' ଲାଗେ। ଉଭୟ ପଦର ପ୍ରାଧାନ୍ୟ ଏହି ସମାସରେ ରହିଥାଏ। ସମସ୍ତପଦଟି ଶେଷ ପଦର ଲିଙ୍ଗଅନୁସାରେ, ଦୁଇଟି ପଦ ଥିଲେ ଦ୍ୱିବଚନ ଓ ଅଧିକ ପଦ ଥିଲେ ବହୁବଚନ ହୋଇଥାଏ। ପଦଦୁଇଟିର ବଚନକୁ ବିଚାର କରାଯାଇ ସମସ୍ତପଦର ବଚନ ସ୍ଥିର କରାଯାଇଥାଏ। ଏହାକୁ 'ଚାର୍ଥେ ଦ୍ୱନ୍ଦ୍ୱଃ' କୁହାଯାଏ।

## ଇତରେତରଦ୍ୱନ୍ଦ୍ୱ

(କ) ରାମଗୋବିନ୍ଦୌ ବିଦ୍ୟାଳୟଂ ଗଚ୍ଛତଃ। (ରାମଃ ଚ ଗୋବିନ୍ଦଃ ଚ)

(ଖ) ରାମଗୋବିନ୍ଦଶ୍ୟାମାଃ ଗଚ୍ଛନ୍ତି। (ରାମଃ ଚ ଗୋବିନ୍ଦଃ ଚ ଶ୍ୟାମଃ ଚ)

(ଗ) ବାଳକବାଳିକାଃ ପଠନ୍ତି। (ବାଳକଃ ଚ ବାଳିକେ / ବାଳିକାଃ ଚ, ବାଳକାଃ ଚ ବାଳିକାଃ ଚ)

(ଘ) ହରିଲତେ କ୍ରୀଡ଼ତଃ। (ହରିଃ ଚ ଲତା ଚ)

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର। ପ୍ରଥମବାକ୍ୟରେ ରାମ ଓ ଗୋବିନ୍ଦ ଦୁଇଜଣ ହୋଇଥିବାରୁ ଗୋବିନ୍ଦପଦର ଦ୍ୱିବଚନ ହୋଇଛି। ଦ୍ୱିତୀୟବାକ୍ୟରେ ତିନିଜଣ ଥିବାରୁ ଶ୍ୟାମପଦର ବହୁବଚନ ହୋଇଛି। ତୃତୀୟବାକ୍ୟରେ ବାଳକ ଓ ବାଳିକାମାନଙ୍କ ସଂଖ୍ୟା ବହୁତ ହୋଇଥିବାରୁ ସମସ୍ତପଦର ବହୁବଚନ ହୋଇଛି। ଚତୁର୍ଥବାକ୍ୟରେ ହରି ଓ ଲତା ଦୁଇଜଣ ଥିବାରୁ ଲତାପଦର ଦ୍ୱିବଚନ ହୋଇଛି। ସବୁ ଉଦାହରଣରେ ଶେଷପଦର ଲିଙ୍ଗପରି ଲିଙ୍ଗ ହୋଇଅଛି। ଏହିପରି-

ବୃଦ୍ଧୌ ଚ଼ ବୃଦ୍ଧା ଚ଼ = ବୃଦ୍ଧବୃଦ୍ଧାଃ।

ପୁଷ୍ପଂ ଚ଼ ଫଳଂ ଚ଼ = ପୁଷ୍ପଫଳେ।

ପତ୍ରଂ ଚ ପୁଷ୍ପଂ ଚ଼ ଫଳଂଚ଼ = ପତ୍ରପୁଷ୍ପଫଳାନି।

ମୃଗ୍ୟୌ ଚ଼ ଧେନୂଚ = ମୃଗୀଧେନବଃ। ଇତ୍ୟାଦି।

(କ) ପିତାପୁତ୍ରୌ ମନ୍ଦିରଂ ଗଚ୍ଛତଃ । (ପିତା ଚ଼ ପୁତ୍ରଃଚ଼)

(ଖ) ମାତାପିତରୌ ମୟି ସ୍ନିହ୍ୟତଃ । (ମାତା ଚ଼ ପିତା ଚ଼)

(ଗ) ଜାମାତୃପୁତ୍ରୌ ଖାଦିଷ୍ୟତଃ । (ଜାମାତା ଚ଼ ପୁତ୍ରଃ ଚ଼)

ଲକ୍ଷ୍ୟ କର - ପ୍ରଥମବାକ୍ୟରେ ପିତୃ ଶବ୍ଦ ସ୍ଥାନରେ ପିତା ଓ ଦ୍ୱିତୀୟ ବାକ୍ୟରେ ମାତୃଶବ୍ଦ ସ୍ଥାନରେ ମାତା ହୋଇଛି, ମାତ୍ର ଜାମାତୃ ପଦ ଅବିକଳଭାବରେ ସମସ୍ତ ପଦରେ ରହିଛି । **ଦୁଇପଦମଧ୍ୟରେ ବିଦ୍ୟାସମ୍ବନ୍ଧ ବା ଗୋତ୍ରସମ୍ବନ୍ଧ ଥାଇ ଋକାରାନ୍ତ ଶବ୍ଦ ବା ପୁତ୍ରପରେ ଥିଲେ ପୂର୍ବ ଋକାରାନ୍ତ ଶବ୍ଦର ଋସ୍ଥାନରେ ଆ ହୁଏ, ଅନ୍ୟତ୍ର ହୁଏ ନାହିଁ ।**

(କ) ଇନ୍ଦ୍ରାବରୁଣୌ ଦେବସଭାୟାମ୍ ଆସ୍ତାମ୍ । (ଇନ୍ଦ୍ରଃଚ଼ ବରୁଣଃ ଚ଼)

(ଖ) ସୂର୍ଯ୍ୟାଚନ୍ଦ୍ରମସୌ ପୂଜ୍ୟେତେ । (ସୂର୍ଯ୍ୟଃ ଚ଼ ଚନ୍ଦ୍ରମାଃ ଚ଼)

ଲକ୍ଷ୍ୟ କର- ଦେବତାବାଚକ ଶବ୍ଦର ଦ୍ୱନ୍ଦ୍ୱସମାସରେ **ପୂର୍ବପଦର ଶେଷସ୍ୱର ଦୀର୍ଘ ହୁଏ ।**

**ମନେରଖ -** ଜାୟା ଚ଼ ପତିଃ ଚ଼ = ଦମ୍ପତୀ / ଜମ୍ପତୀ / ଜାୟାପତୀ ହୁଏ । ସେହିପରି ଅହଃ ଚ଼ ରାତ୍ରିଃଚ଼ = ଅହୋରାତ୍ରଃ ହୁଏ ।

ସର୍ବନାମ ପଦସହିତ ସମାସ ହେଲେ ସର୍ବନାମ ପଦ ଅବଶିଷ୍ଟ ରୁହେ ଏବଂ ସଂଖ୍ୟା ଅନୁସାରେ ତାହାର ବଚନ ସ୍ଥିର କରାଯାଏ । ଅସ୍ମଦ୍ ଶବ୍ଦର ପଦଥିଲେ ଅସ୍ମଦ୍ ଶବ୍ଦର ସମସ୍ତପଦ, ଯୁଷ୍ମଦ୍ ଶବ୍ଦର ପଦ ଥିଲେ ଯୁଷ୍ମଦ୍ ଶବ୍ଦର ସମସ୍ତ ପଦ ଏବଂ ତଦ୍ ଶବ୍ଦର ପଦ ଥିଲେ ତଦ୍‌ଶବ୍ଦ ହିଁ ସମସ୍ତ ପଦରେ ଅବଶିଷ୍ଟ ରହିଥାଏ । ଲକ୍ଷ୍ୟ କର-

ରାମଃ ଚ଼ ସୀତା ଚ଼ ଅହଂ ଚ଼ ଗଚ୍ଛାମଃ ବା ବୟଂ ଗଚ୍ଛାମଃ ।

ବାଳକାଃ ଚ଼ ତ୍ୱଂ ଚ଼ ଗଚ୍ଛତ ବା ଯୂୟଂ ଗଚ୍ଛତ ।

ହରିଃ ଚ଼ ତ୍ୱଂ ଚ଼ ଅହଂ ଚ଼ ପଠାମଃ ବା ବୟଂ ପଠାମଃ ।

ଛାତ୍ରଃ ଚ଼ ସଃ ଚ଼ ପଶ୍ୟତଃ ବା ତୌ ପଶ୍ୟତଃ ।

ବାଳିକେ ଚ଼ ସଃ ଚ଼ କ୍ରୀଡ଼ନ୍ତି ବା ତେ କ୍ରୀଡ଼ନ୍ତି ।

ଜନାଃ ଚ଼ ସା ଚ଼ ଗଚ୍ଛନ୍ତି ବା ତାଃ ଗଚ୍ଛନ୍ତି ।

**ମନେରଖ - ପୂର୍ବପଦର ଯେ କୌଣସି ଲିଙ୍ଗ ଥିଲେ ମଧ୍ୟ ପରପଦସ୍ଥ ସର୍ବନାମ ଶବ୍ଦର ଲିଙ୍ଗ ହିଁ ସମସ୍ତପଦରେ ରହିଥାଏ ।**

## ସମାହାର ଦ୍ୱନ୍ଦ୍ୱ

ଦୁଇରୁ ଅଧିକ ବିଶେଷ୍ୟପଦର ସମଷ୍ଟିକୁ ବୁଝାଇଲେ ସମାହାର ଦ୍ୱନ୍ଦ୍ୱ ହୁଏ । ଏହି ସମାସରେ ସମସ୍ତପଦଟି କ୍ଲୀବଲିଙ୍ଗ ଅକାରାନ୍ତ ଶବ୍ଦ ଭଳି ରୂପଗ୍ରହଣ କରିଥାଏ । ଲକ୍ଷ୍ୟ କର-

ବୃଦ୍ଧସ୍ୟ ପାଣିପାଦଂ କମ୍ପତେ । (ପାଣୀ ଚ଼ ପାଦୌ ଚ଼ ତେଷାଂ ସମାହାରଃ)

ଭ୍ରମଣାତ୍ ପରଂ କରଚରଣଂ ପ୍ରକ୍ଷାଳୟ (କରୌ ଚ଼ ଚରଣୌ ଚ଼ ତେଷାଂ ସମାହାରଃ)

ବ୍ୟାଘ୍ରସ୍ୟ ନଖଦନ୍ତଂ ଗଳିତମ୍ । (ନଖାଃ ଚ଼ ଦନ୍ତାଃ ଚ଼ ତେଷାଂ ସମାହାରଃ)

ଉପର୍ଯ୍ୟୁକ୍ତ ଉଦାହରଣଗୁଡିକୁ ଲକ୍ଷ୍ୟ କର । ପ୍ରାଣୀଅଙ୍ଗଗୁଡ଼ିକର ସମାହାର ହେଲେ 'ସମାହାରଦ୍ୱନ୍ଦ୍ୱ' ହୋଇଥାଏ ।

ମାର୍ଜାରମୂଷିକମ୍ ଏକତ୍ର ନ ତିଷ୍ଠତି । (ମାର୍ଜାରଃ ଚ଼ ମୂଷିକଃ ଚ଼ ତୟୋଃ ସମାହାରଃ)

ଅହିନକୁଳଂ କିଂ କରିଷ୍ୟତି ? (ଅହିଃ ଚ଼ ନକୁଳଃ ଚ଼ ତୟୋଃ ସମାହାରଃ)

ପରସ୍ପର ବିରୋଧ ଥିଲେ 'ସମାହାରଦ୍ୱନ୍ଦ୍ୱ' ହୋଇଥାଏ । ଏହିପରି ଗୌଃ ଚ଼ ବ୍ୟାଘ୍ରଃ ଚ଼ ତୟୋଃ ସମାହାରଃ ଗୋବ୍ୟାଘ୍ରମ୍ ଇତ୍ୟାଦି ହୋଇଥାଏ ।

ଅତ୍ର ମଶକମକ୍ଷିକଂ ନାସ୍ତି । (ମଶକାଃ ଚ ମକ୍ଷିକାଃ ଚ଼ ତେଷାଂ ସମାହାରଃ)

ଶଯ୍ୟାୟାଂ ଯୂକଲିକ୍ଷଂ ଦୃଶ୍ୟତେ । (ଯୂକାଃ ଚ଼ ଲିକ୍ଷାଃ ଚ଼ ତେଷାଂ ସମାହାରଃ)

ମନେରଖ - କ୍ଷୁଦ୍ରପ୍ରାଣୀମାନଙ୍କର ସମାହାର ହେଲେ 'ସମାହାର ଦ୍ୱନ୍ଦ୍ୱ' ହୁଏ ।

ଅହଂ ଗଙ୍ଗାଶୋଣଂ ନ ପଶ୍ୟାମି । (ଗଙ୍ଗା ଚ଼ ଶୋଣଃଚ଼ ତୟୋଃ ସମାହାରଃ)

ବ୍ରାହ୍ମଣଃ କାଶୀପ୍ରୟାଗଂ ଗତବାନ୍ । (କାଶୀ ଚ଼ ପ୍ରୟାଗଃ ଚ଼ ତୟୋଃ ସମାହାରଃ)

ଜନାଃ ମଥୁରାପାଟଳୀପୁତ୍ରଂ ଗଚ୍ଛନ୍ତି । (ମଥୁରା ଚ଼ ପାଟଳୀପୁତ୍ରଃ ଚ଼ ତୟୋଃ ସମାହାରଃ)

ମନେ ରଖ - ନଦୀବାଚକ, ତୀର୍ଥସ୍ଥାନ ଓ ଦେଶମାନଙ୍କର ସମାହାର ବୁଝାଇଲେ 'ସମାହାରଦ୍ୱନ୍ଦ୍ୱ' ସମାସ ହୁଏ ।

## ଏକଶେଷ ଦ୍ୱନ୍ଦ୍ୱ

ସମାନଜାତୀୟ ସ୍ତ୍ରୀବାଚ଼କପଦ ସହିତ ପୁରୁଷବାଚକ ପଦର ସମାସ ହେଲେ ପୁରୁଷବାଚକ ଶବ୍ଦ ଅବଶିଷ୍ଟ ରୁହେ ଏବଂ ତାହାର ଦ୍ୱିବଚନ ହୁଏ ।

ବ୍ରାହ୍ମଣୌ ମନ୍ଦିରଂ ଗଚ୍ଛତଃ । (ବ୍ରାହ୍ମଣୀ ଚ଼ ବ୍ରାହ୍ମଣଃ ଚ଼)

ପିତରୌ ସର୍ବଦା ପୂଜନୀୟୌ । (ମାତା ଚ଼ ପିତା ଚ଼)

ଶ୍ୱଶୁରୌ ଦେବତୁଲ୍ୟୌ ଭବତଃ । (ଶ୍ୱଶ୍ରୂଃ ଚ଼ ଶ୍ୱଶୁରଃ ଚ଼)

ହଂସୌ ଜଳେ ସନ୍ତରତଃ । (ହଂସୀ ଚ଼ ହଂସଃ ଚ଼)

ସ୍ତ୍ରୀବାଚକ ଓ ପୁରୁଷବାଚକ ପଦ ଏକଜାତୀୟ ନ ହୋଇଥିଲେ ପୂର୍ବପଦର ଲୋପ ହୁଏ ନାହିଁ । ଯଥା-

ସାରସୀହଂସୌ କ୍ରୀଡ଼ତଃ । (ସାରସୀ ଚ଼ ହଂସଃ ଚ଼)

ମୃଗୀଶଶକୌ ଭ୍ରମତଃ । (ମୃଗୀ ଚ ଶଶକଃ ଚ଼)

ଏକଶେଷ ଦ୍ୱନ୍ଦ୍ୱ କରା ନ ଯାଇ ସାଧାରଣ ଦ୍ୱନ୍ଦ୍ୱ ଭାବେ ମଧ୍ୟ ଏହି ସମାସ କରାଯାଇପାରେ, ଯେପରି-

ମାତା ଚ଼ ପିତା ଚ଼ = ପିତରୌ ବା ମାତାପିତରୌ / ମାତରପିତରୌ

ମୃଗୀ ଚ଼ ମୃଗଃ ଚ଼ = ମୃଗୌ ବା ମୃଗୀମୃଗୌ ଇତ୍ୟାଦି ।

ମନେରଖ - ଅହଃ ଚ଼ ନିଶା ଚ଼ = ଅହର୍ନିଶମ୍

ରାତ୍ରିଃ ଚ଼ ଦିବା ଚ଼ = ରାତ୍ରିନ୍ଦିବମ୍

ନକ୍ତଂ ଚ଼ ଦିବାଚ଼ = ନକ୍ତନ୍ଦିବମ୍

## ଅଭ୍ୟାସ

**୧। ଯଥାସମ୍ଭବଂ ସମସ୍ତପଦାନି ବ୍ୟବହୃତ୍ୟ ସଂସ୍କୃତଭାଷୟା ଅନୁବାଦଂ କୁରୁତ-**

(କ) ତୁମେ ଗଛରୁ ପତ୍ର, ପୁଷ୍ପ ଓ ଫଳଗୁଡ଼ିକୁ ଆଣ।

(ଖ) ଛାତ୍ର ଓ ଛାତ୍ରୀମାନେ ପଢିବାକୁ ଗଲେ।

(ଗ) ବାପାମା' ମାମୁଁଘରକୁ ଯାଇଛନ୍ତି।

(ଘ) ବଣରେ ବାଘ, ଭାଲୁ ଓ ସିଂହ ରହୁଛନ୍ତି।

(ଙ) ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ର ଶୋଭାପାଉଛନ୍ତି।

(ଚ) ସାପ ଓ ନେଉଳ ଏକାଠି ରହନ୍ତି ନାହିଁ।

(ଛ) ଆମେ ଦୁହେଁ କାଶୀ ଓ ପ୍ରୟାଗକୁ ଯାଇପାରୁ।

(ଜ) ଶାଶୂ ଓ ଶ୍ୱଶୁର ବୋହୂକୁ ସ୍ନେହ କରନ୍ତି।

(ଝ) ପିଲାଟି ଦିନରାତି ପାଠ ପଢ଼େ।

(ଞ) ଘରେ ମଶାମାଛି ବୁଲୁଛନ୍ତି।

(ଟ) ମାମୁଁ ଓ ମାଇଁ ଆମ ଘରକୁ ଆସିବେ।

(ଠ) ଅଶ୍ୱିନୀ, ଦେବ ଓ ମୁଁ ଏଠାରେ ପଢୁ।

(ଡ) ତୁମେଦୁହେଁ ଓ ଆମେଦୁହେଁ ପଡ଼ିଆରେ ଖେଳିବା।

(ଢ଼) ସେମାନେ ଓ ତୁମେ ଏଠାରେ ବସ।

(ଣ) ପ୍ରଜ୍ଞା ଓ ସୀମା ଆମ ସ୍କୁଲରେ ପଢ଼ନ୍ତି।

**୨। ବନ୍ଧନୀମଧ୍ୟାତ୍ ଶୁଦ୍ଧଂ ସମସ୍ତପଦଂ ନିରୂପୟତ-**

(କ) ରାମଃ ଚ୍ ସୀତା ଚ୍ = ____________। (ରାମସୀତେ, ସୀତାରାମୌ, ରାମସୀତାଃ)

(ଖ) ଛାୟା ଚ୍ ଆତପଃ ଚ୍ = ____________। (ଛାୟାତପଂ, ଛାୟାତପୌ, ଛାୟାତପାଃ)

(ଗ) ସ୍ତ୍ରୀ ଚ୍ ପୁମାନ୍ ଚ୍ = ____________। (ସ୍ତ୍ରୀପୁମାନ୍, ସ୍ତ୍ରୀପୁରୁଷଃ, ସ୍ତ୍ରୀପୁଂସୌ)

(ଘ) ଶ୍ୱଶ୍ରୂଃ ଚ୍ ଶ୍ୱଶୁରଃ ଚ୍ = ____________। (ଶ୍ୱଶ୍ରୂଃ, ଶ୍ୱଶୁରୌ, ଶ୍ୱଶୁରାଃ)

(ଙ) ଅହିଃ ଚ୍ ନକୁଳଃ ଚ୍ = ____________। (ଅହୀନକୁଳମ୍, ଅହିନକୂଳଂ, ଅହିନକୁଳମ୍)

(ଚ) ବାକ୍ ଚ୍ ମନଃ ଚ୍ = ____________। (ବାଙ୍ମନସେ, ବାକ୍ ମନସେ, ବାକମନସୌ)

(ଛ) ଜାମାତା ଚ୍ ପୁତ୍ରଃ ଚ୍ = ____________। (ଜାମାତୃପୁତ୍ରୌ, ଜାମାତାପୁତ୍ରୌ, ଜାମାତରଃ)

(ଜ) ଅହଃ ଚ୍ ରାତ୍ରିଃ ଚ୍ = ____________। (ଅହଃରାତ୍ରିଃ, ଅହୋରାତ୍ରିଃ, ଅହୋରାତ୍ରଃ)

(ଝ) ଅଗ୍ନିଃ ଚ୍ ସୋମଃ ଚ୍ = ____________। (ଅଗ୍ନିସୋମୌ, ଅଗ୍ନୀଷୋମୌ, ଅଗ୍ନୀସୋମୌ)

(ଞ) ମିତ୍ରଃ ଚ୍ ବରୁଣଃ ଚ୍ = ____________। (ମିତ୍ରବରୁଣୌ, ମିତ୍ରବରୁଣଂ, ମିତ୍ରାବରୁଣୌ)

୩। ବନ୍ଧନୀମଧ୍ୟାତ୍ ଶୁଦ୍ଧଂ ବିଗ୍ରହବାକ୍ୟଂ ନିରୂପୟତ-

(କ) ପିତରୌ = ____________।(ପିତୃ ଚ ମାତୃଚ, ପିତା ଚ ମାତା ଚ, ପିତରି ଚ ମାତରି ଚ)

(ଖ) କାକୋଲୂକମ୍ = ____________। (କାକଃ ଚ ଉଲୂକଃ ଚ, କାକଃ ଚ ଲୂକଃ ଚ, କାକଃ ଚ ଉଲୂକଃ ଚ ତୟୋଃ ସମାହାରଃ)

(ଗ) ରାମକୃଷ୍ଣୌ = ---। (ରାମଃ ଚ କୃଷ୍ଣଃ ଚ, ରାମଃ ଚ କୃଷ୍ଣଃ ଚ ତୟୋଃ ସମାହାରଃ, କୃଷ୍ଣଃ ଚ ରାମଃ ଚ)

(ଘ) ଅକ୍ଷିଭ୍ରୁବମ୍ = ---। (ଅକ୍ଷି ଚ ଭ୍ରୁବଃ ଚ, ଅକ୍ଷିଣୀ ଚ ଭ୍ରୁବୌ ଚ, ଅକ୍ଷଃ ଚ ଭ୍ରୁବୌ ଚ)

(ଙ) ନଖଦନ୍ତମ୍ = ---। (ନଖାଃ ଚ ଦନ୍ତାଃ ଚ, ନଖାଃ ଚ ଦନ୍ତାଃ ଚ ତେଷାଂ ସମାହାରଃ, ନଖଂ ଚ ଦନ୍ତଂ ଚ)

୪। ବିଗ୍ରହବାକ୍ୟାନି ରଚୟତ -

ହରୀନ୍ଦ୍ରୌ, ପତ୍ରପୁଷ୍ପଫଳାନି, ଯୂକଲିକ୍ଷମ୍, ଦେବାସୁରମ୍, ବଧୂବରମ୍, ସୂର୍ଯ୍ୟାଚନ୍ଦ୍ରମସୌ, ସମ୍ପଦ୍‌ବିପଦମ୍, ସୀତାପାର୍ବତ୍ୟୌ।

୫। ସମସ୍ତପଦାନି ନିରୂପୟତ-

କୃଶଃ ଚ ସ୍ଥୁଳଃ ଚ, ମୟୂରୀ ଚ କୁକ୍କୁଟଃ ଚ, ଲତା ଚ ବୃକ୍ଷଃ ଚ, ଦାରାଃ ଚ ଗାବଃ ଚ, ଯମୁନା ଚ ଗଙ୍ଗା ଚ, ଭ୍ରାତା ଚ ପିତା ଚ।

୬। ସ୍ତମ୍ଭମେଳନଂ କୁରୁତ-

| <u>କସ୍ତମ୍ଭଃ</u> | <u>ଖସ୍ତମ୍ଭଃ</u> |
|---|---|
| ବ୍ରାହ୍ମଣୀ ଚ ବ୍ରାହ୍ମଣଃ ଚ | ହରିରାମୌ |
| ଦୁହିତା ଚ ପୁତ୍ରଃ ଚ | ହଂସୌ |
| ମତ୍ସ୍ୟଃ ଚ ବିଦେହଃଚ | ଯୁବାମ୍ |
| ଛାୟା ଚ ଆତପଃଚ | ବୟମ୍ |
| ଗଙ୍ଗା ଚ ବ୍ରହ୍ମପୁତ୍ରଃଚ | ଛାୟାତପୌ |
| ସଃ ଚ ତ୍ୱଂ ଚ | ମତ୍ସ୍ୟବିଦେହମ୍ |
| ଆବାଂ ଚ ସଃ ଚ | ବ୍ରାହ୍ମଣୌ |
| ତେ ଚ ତ୍ୱଂ ଚ | ଦୁହିତାପୁତ୍ରୌ |
| ହରିଃ ଚ ରାମଃ ଚ | ଗଙ୍ଗାବ୍ରହ୍ମପୁତ୍ରମ୍ |
| ହଂସୀ ଚ ହଂସଃ ଚ | ଯୂୟମ୍ |

●